# Akashvani, Sambalpur

## SAMBALPURI NEWS EVENING BULLETIN

## 16 December 2024- 7.02 pm- 7.12 pm.

**********************************************

୧- କଟକ୍ ନ ୬୯ ନମ୍ବର୍ ପୁଲିସ୍ ଡ୍ୟୁଟି ମିଟ୍-୨୦୨୪ ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

- କହେଲେ ପୁଲିସ୍‌କେ ଅପରାଧୀମାନ୍‌କର୍‌ନୁ ଆଗ୍‌କେ ରହେବାର୍ ହେଲେ ପୁଲିସ୍ ବଳର ଆଧୁନିକୀକରଣ୍ ଦର୍‌କାର୍ ।

୨- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ନ କଲେ ଜନଅଭିଯୋଗ୍ ଶୁଣାଣି ।

୩- ବିଜୟ ଦିବସ୍‌ଥି ବୀର ଯବାନ୍‌ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନାଲା ସାରା ଦେଶ୍ ।

ଆଉର୍

୪- ସୁଭଦ୍ରା ଯୋଜ୍‌ନାଥି ସାହାଜ୍ ପାଏବାର୍‌କେ ହେଲେ ବାୟୋମେଟ୍ରିକ୍ ପ୍ରକ୍ରିୟାଥି ଇ-କେଓ୍ୱାଇସି ପ୍ରକ୍ରିୟା କର୍‌ବାର୍‌କେ ପଡ୍‌ବା ।

ପୁଲିସ୍ ଡ୍ୟୁଟି ମିଟ୍        ଓଡ଼ିଶା ପୁଲିସ୍

ଅପରାଧୀମାନେ ଅପ୍ରାଧ୍ କର୍ବାର୍ ଲାଗି ନୂଆଁ ନୂଆଁ ଉପେ ଅପ୍ନଉଛନ୍ । ହେଥିର୍ଲାଗି ଅପ୍ରାଧୀମାନ୍କର୍ନୁ ପୁଲିସ୍କେ ଗୁଟେ ପାଦ୍ ଆଗ୍କେ ରହେବାର୍ ଦର୍କାର୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କଟକ୍ ପୁଲିସ୍ ମୁଖ୍ୟାଳୟ ନ ୬୯ ନମ୍ବର୍ ପୁଲିସ୍ ଡ୍ୟୁଟି ମିଟ୍-୨୦୨୪ର ଉଦ୍ୟାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍ ଯେ, ଅପରାଧୀମାନ୍କର୍ନୁ ପୁଲିସ୍କେ ଆଗ୍କେ ରହେବାର୍କେ ହେଲେ ପୁଲିସ୍ ବଳର ଆଧୁନିକୀକରଣ୍, ପୁଲିସ୍ ବ୍ୟବସ୍ଥାଥି ସଂସ୍କାର୍, ପୁଲିସ୍ ଅନୁସନ୍ଧାନ୍ ଲାଗି ଭିତିଭୂମି ଆର୍ ପ୍ରଶିକ୍ଷିତ ମାନବ ସମ୍ବଳର ଦର୍କାର୍ ରହିଛେ ।

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁରୀ ଜିଲ୍ଲାର୍ ଅସ୍ତରଙ୍ଗ, ବଳଙ୍ଗା, ଡେଲାଙ୍ଗ ଥାନାର୍ ନୂଆଁ କୋଠାକେ ଉଦ୍ଘାଟନ୍ କରିଛନ୍ ।

ଇ କାର୍ଯ୍ୟକ୍ରମ୍ଥି ଆଭାସି ଜରିଏ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇଥିଲେ । ସେନ୍ତା ପୁଲିସ୍ ମୁଖ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମ୍ଥି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଆର୍ ଅଲ୍ଗା ବରିଷ୍ଠ ଅଧିକାରୀମାନେ

ଉପସ୍ଥିତ୍ଥିଲେ । ଇ କାର୍ଯ୍ୟକ୍ରମ୍ଥି ଅପରାଧ୍ର ତଦନ୍ତ୍ ଆର୍ ଅଲ୍ଗା କ୍ଷେତ୍ରଥି ଉଲ୍ଲେଖନୀୟ ସଫଳତା ଲାଗି ପୁଲିସ୍ ଅଧିକାରୀ ଆର୍ କର୍ମଚାରୀମାନ୍କୁ ପୁରସ୍କୃତ କରାଯାଇଛେ ।

ମୁଖ୍ୟମନ୍ତ୍ରୀ -ଅଭିଯାଗ୍ ଶୁଣାଣି ଭୁବନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ ୟୁନିଟ୍ ୫ ନ ଥିବା ତାଙ୍କର୍ ସର୍କାରୀ ବାସଭବନ୍ ଠାନେ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ଇ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ର ଆଏଜ୍ ୬ ନମ୍ବର୍ ପାଲି ଥିଲା । ଅକ୍ଟୋବର୍ ୨୮ ତାରିଖ୍ ଆଘୋନୁ ପଞ୍ଜିକୃତ ହେଇଥିବା ଆବେଦନ୍କାରୀମାନେ ତାଙ୍କୁ ଭେଟିକରି ଅଭିଯୋଗ୍ ଜନେଇଥିଲେ । ଇ ଅଭିଯୋଗ୍ ମାନ୍କର୍ ଭିତ୍ରେ ଅଧିକାଂଶ ଅଭିଯୋଗ୍ ଘର୍, ଭତା, ଆର୍ ଭିନ୍ ଭିନ୍ ମୌଳିକ ସମସ୍ୟା ରହୁଥିବାର୍ନୁ ମୁଖ୍ୟମନ୍ତ୍ରୀ ସେମାନ୍କର୍ ତୁର୍ତି ସମାଧାନ୍ କର୍ବାର୍ ଲାଗି ଉପସ୍ଥିତ୍ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଆଏଜ୍ ମୁଖ୍ୟମନ୍ତ୍ରୀ ପହେଲାକରି ୩୦ ଝନ୍ ଭିନ୍ନକ୍ଷମ୍ ବ୍ୟକ୍ତିଙ୍କର୍ ଅଭିଯୋଗ୍ ଶୁନିଥିଲେ ଆର୍ ସମାଧାନ୍ ଲାଗି ଉପସ୍ଥିତ୍

ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଆଏଜ୍ ପାଖାପାଖି ହଜାରେ ଝନ୍ ଲୋକ୍ ଅଭିଯୋଗ୍ ଶୁଣାଣି ଲାଗି ପଞ୍ଜିକରଣ୍ କରିଥିଲେ । ଆଝିର୍ ଇ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆର୍ ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବି ନାଏକ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ହି.ସ.

ରାଏଜେ ଇ ବଛର୍‌ନୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଆର୍ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଲାଗୁ କରାବାର୍ ଲାଗି ଚେରେଷ୍ଟା ଚାଲିଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଇ ବାବ୍‌ଦେ ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଦେଶେ ୨୭ ହଜାର୍ ଡାକ୍ତର୍‌ଖାନା ନ ହିତାଧିକାରୀମାନେ ଇ ଯୋଜ୍‌ନା ଜରିଏ ଚିକିତ୍ସା ସୁବିଧା ପାଇପାର୍‌ବେ । ରାଜ୍ୟ ସର୍‌କାର୍ ଇ ଯୋଜ୍‌ନାର୍ ଲାଗି ୩

ହଜାର୍ ୫ ଶହ କୋଟି ଟଙ୍କା  ବ୍ୟୟବରାଦ୍ ରଖିଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ବିଜୟ ଦିବସ୍        ପି.ଆଇ.ବି.

ଭାରତ୍-ପାକିସ୍ତାନ୍ ଭିତ୍‌ରେ ୧୯୭୧ ମସିହାଥି ହେଇଥିବା ଯୁଦ୍ଧଥି ଆଝିରର୍ ଦିନେ  ଭାରତ୍ ଜିତିଥିଲା । ହେ ବଛର୍ ଡିସେମ୍ବର୍ ୩ ତାରିଖ୍‌ନୁ ମୁଲ୍ ହେଇଥିବା ଯୁଦ୍ଧ ୧୩ ଦିନ୍ ଚାଲିଥିଲା । ଇ ଦିନ୍‌କେ ସୋର୍ ପକେଇକରି ଆଏଜ୍ ସାରା ଦେଶେ ବିଜୟ ଦିବସ୍ ପାଲନ୍ କରାଯାଉଛେ । ଇ ଉଧେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁଟେ ବାର୍ତାଥି ଭାରତୀୟ ସୈନ୍ୟମାନ୍‌କର୍ ଅଦମ୍ୟ ସାହାସ୍ ଆର୍ ପରାକ୍ରମ ୧୯୭୧ ଯୁଦ୍ଧଥି ଦେଶର୍ ଲାଗି ବିଜୟ ସୁନିଶ୍ଚିତ୍ କରିଥିଲା ବଲି କହିଛନ୍ । କୃତଜ୍ଞ ରାଷ୍ଟ୍ର ଭାରତୀୟ ଜବାନ୍‌ମାନ୍‌କର୍ ବଲିଦାନ୍‌କେ ଆଏଜ୍ ସୁର୍‌ତା କରୁଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଜବାନ୍ ମାନ୍‌କର୍ ସାହାସ୍, ସୌର୍ଯ୍ୟ ଆର୍ ସର୍ବୋଚ୍ଚ ବଲିଦାନ୍‌କେ ସ୍ମରଣ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ଭାରତୀୟ ସୈନିକଙ୍କର୍ ଅଦମ୍ୟ ଚେଷ୍ଟା ଆର୍ ସାହାସ୍ ଲାଗି ଭାରତ୍ ପାକିସ୍ତାନ୍ ଉପ୍‌ରେ ବିଜୟୀ ହେଇଥିଲା । ରାଜ୍ୟପାଲ୍

ରଘୁବର୍ ଦାସ ୧୯୭୧ ଯୁଦ୍ଧ ନ ସର୍ବୋଚ୍ଚ ବଳିଦାନ୍ ଦେଇଥିବା ସୈନ୍ୟମାନ୍‌କର୍ ସାହାସ୍ ଆର୍ ନିଷ୍ଠାକେ ମନେ ପକେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଦେଶର୍ ସୁରକ୍ଷା ଲାଗି ଜୀବନ୍ ଦେଇଥିବା ବୀର୍ ଶହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଇ ଉଧେ ସମ୍‌କୁ ଶୁଭେଚ୍ଛା ଜନେଇକରି ଭାରତ୍ ଇତିହାସ୍ ନ ଗୁଟେ ଅଦ୍ୱିତୀୟ ବିଜୟ ଅଧ୍ୟାୟ ଜୁଡ଼ିଥିବା ଜବାନ୍ ମାନ୍‌କୁ କୃତଜ୍ଞତା ଜନେଇଛନ୍ ।

ସୁଭଦ୍ରା ହି.ସ.

ଏତ୍‌କର ସୁଭଦ୍ରା ଯୋଜ୍‌ନାର୍ ସବୁ ହିତାଧିକାରୀ ସହାୟତା ପାଏବାର୍ ଲାଗି ହେଲେ ବାୟୋମେଟ୍ରିକ୍ ପ୍ରକ୍ରିୟାଥି ଇ-କେୱାଇସି କର୍‌ବାର୍‌କେ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଯେନ୍ ହିତାଧିକାରୀମାନେ ସୁଭଦ୍ରା ଅଧୀନ୍‌ଥି ଇ-କେୱାଇସି ନାଇଁ କରି କି ଓଟିପି ଜରିଏ ଇ-କେୱାଇସି କରିଛନ୍, ସୁଭଦ୍ରା ସହାୟତା ରାଶି ପାଏବାର୍ ଲାଗି ସେମାନ୍‌କୁ ଭିଲ୍ ବାୟୋମେଟ୍ରିକ୍ ପ୍ରକ୍ରିୟାଥି ଇ- କେୱାଇସି କର୍‌ବାର୍‌କେ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ । ଇ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ

ଶ୍ରୀମତୀ ପରିଡ଼ା କହିଛନ୍ ଯେ, ସବୁ ଯୋଗ୍ୟ ହିତାଧିକାରୀଙ୍କର୍ ଆବେଦନ୍ ଯାଂଚ୍ ସର୍‌ଲେ ୪ ନମ୍ବର୍ ଖେପ୍ ସୁଭଦ୍ରା ସହାୟତା ରାଶି ମିଲ୍‌ବା ।

ସେଆଡ଼େ କାମ୍‌ଥି ଅବ୍‌ହେଲା କରିଥିବାର୍ ୫୨ ଟା ଜନସେବା କେନ୍ଦ୍ରକେ ଇହାଦେତକ୍ କଳାତାଲିକାଭୁକ୍ତ କରାଯାଇଛେ । ବେଆଇନ୍ ଭାବେ ହିତାଧିକାରୀମାନ୍‌କର୍‌ନୁ ଟଙ୍କା ନେଉଥିବାର୍ ଅଭିଯୋଗ୍‌ଥି ୧୪ ଟା ଜନସେବା କେନ୍ଦ୍ର ନାଁଥି ଥାନା ନ ଏତ୍‌ଲା ଦିଆଯାଇଛେ ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ରତ୍ନଭଣ୍ଡାର୍ ମରାମତିର୍ ସବୁ ପଦକ୍ଷେପ୍ ନିଆଯିବା । ସେଆଡ଼େ ମରାମତି ସମିଆଥି ସାଧାରଣ୍ ଭକ୍ତ ଆର୍ ଶ୍ରଦ୍ଧାଳୁମାନେ ବାହାରକାଠ ପାଖେ ମାହାପୁରୁମାନ୍‌କୁ ଦର୍ଶନ୍ କରିପାର୍‌ବେ । ଫଂ’ ଦିନ ଦ୍ୱିତୀୟ ଭୋଗ ମଣ୍ଡପ୍ ନୀତି ଉତ୍‌ରୁ ସମିଆ ଦେଖିକରି ଏଏସ୍‌ଆଇ ତର୍‌ଫୁ ୫ ଘଂଟା ଲେଖା ମରାମତି କାମ୍ କରାଯିବାର୍ ଲକ୍ଷ୍ୟ

ରଖାଯାଇଛେ । ଦିନର୍ ସାଢ଼େ ୧୨ ଉତ୍ରୁ ବେଲ୍ବୁଡ଼ର୍ ୬ ବଜେତକ୍ ମରାମତି କାମ୍ କରାଯିବା ବଲି ସମିଆ ଧାରିଜ୍ କରାଯାଇଛେ ।

## ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ ସୁବର୍ଣ୍ଣପୁର୍/ କଲାହାଣ୍ଡି/ ଝାର୍ସୁଗୁଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନ୍କର୍ ମଳିତ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଇଥି ଅଭିଯୋଗ୍କାରୀମାନ୍କର୍ ଦର୍ଖାସ୍ତକେ ବିଚାର୍କେ ନେଇକରି କିଛିଟା ତୁର୍ତି ସମାଧାନ୍ କରାଯାଇଥିବାର୍ ବେଲେ ଆଉ କିଛି ଅଭିଯୋଗ୍ର ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ସମ୍ବଲ୍ପୁର୍ ଜିଲ୍ଲାର୍ ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଳିତ ଜନଶୁଣାଣି ଶିବିର ହେଇଥିଲା । ଇଥି ୩୮ଟା ଅଭିଯୋଗ୍ର ଶୁଣାଣି କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବିନ୍କା ବ୍ଲକ୍ସ୍ତରୀୟ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର ବ୍ଲକ୍ ସମ୍ମିଳନୀ କୋଠା ନ ହେଇଯାଇଛେ ।

ଶିବିରଥି ୯୭ ଟା ଅଭିଯୋଗ୍ ଆସିଥିବାର୍ ବେଲେ ସେନୁ ୨ ଟା ସଙ୍ଗେ ସଙ୍ଗେ ସମାଧାନ୍ କରାଯାଇଥିଲା ।

ହେନ୍ତା କଲାହାଣ୍ଡି ଜିଲ୍ଲା ମଦନ୍‌ପୁର୍ ରାମ୍‌ପୁର୍ ବ୍ଲକ୍ ନ ହେଇଥିବା ଶିବିରଥି ୪୬ ଟା ଅଭିଯୋଗ୍‌ର ପଞ୍ଜିକରଣ୍ କରାଯାଇଥିଲା । ସେଥୁ ୧୦ ଟା ଅଭିଯୋଗ୍‌ର ସଙ୍ଗେ ସଙ୍ଗେ ସମାଧାନ୍ ହେଇଥିଲା ।

ହେନ୍ତା ବ୍ରଜରାଜ୍‌ନଗର୍ ଠାନେ ଭିଲ୍ ଝାରସୁଗୁଡ଼ା ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଲିତ୍ ଅଭିଯୋଗ୍ ଶୁଣାଣି ହେଇଥିଲା । ଇନୁ ୧୧ ଟା ଅଭିଯୋଗ୍‌ର ତୁରନ୍ତ୍ ସମାଧାନ୍ ହେଇଥିଲା ।

ଉସ୍ତାଦ୍ ଜାକିର୍ ହୁସେନ-ପରଲୋକ୍ ପି.ଆଇ.ବି.

ବିଶିଷ୍ଟ ତବ୍‌ଲା ବାଦକ, ପଦ୍ମବିଭୂଷଣ ଉସ୍ତାଦ୍ ଜାକିର୍ ହୁସେନ୍‌ଙ୍କର୍ ଗଲା ରାତି ପରଲୋକ ହେଇଯାଇଛେ । ତାଙ୍କର୍ ପରଲୋକଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଜନେଇକରି ଜାକିର୍ ହୁସେନ୍‌ଙ୍କର୍ ପରଲୋକ ସଂଗୀତ୍ ଦୁନିଆର୍ ଲାଗି ଗୁଟେ ବଡ଼ କ୍ଷତି ଆଏ ବଲି କହିଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କିମ୍ବଦନ୍ତୀ ତବ୍‌ଲା ବାଦକ ଜାକିର୍ ହୁସେନ୍‌ଙ୍କର୍ ପରଲୋକ ଖବର୍ ପାଇକରି ମର୍ମାହତ ବଲି କହିଛନ୍ ।

ବଲାଙ୍ଗିର୍- ମାଓ କେମ୍ପ୍          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ତୁରେକେଲା ଥାନା ଛତରଦାଣ୍ଡି ସଂରକ୍ଷିତ ଜଙ୍ଗଲ୍ ନ ଗୁଟେ ମାଓ କେମ୍ପ୍ ଠାବ୍ କରାଯାଇଛେ । ବଲାଙ୍ଗିର୍ ରିଜର୍ଭ ପୁଲିସ୍ କାର୍ଯ୍ୟାଳୟ ନ ଆଇଜି ହିମାଂଶୁ ଲାଲ୍ ଆର୍ ବଲାଙ୍ଗିର୍ ଏସ୍.ପି. ଇ ବାବ୍ଦେ ଅଏତ୍କା ସୂଚ୍ନା ଦେଇକରି କହିଛନ୍ ଯେ, ମାଓ କେମ୍ପ୍ ଠାବ୍ କରାଯିବାର୍ ଉତ୍ରୁ ଇଟାକେ ନେଇକରି ଗନ୍ଧମାର୍ଦ୍ଦନ୍ ଇଲାକା ନ ସର୍ଚ୍ଚ ଅପ୍ରେସନ୍ ଜାରି ରହିଛେ ଆର୍ ଇ ସମିଆଥି ବହୁତ୍ଟେ ମାଓ ସାମଗ୍ରୀ ଜବତ୍ ହେଇଛେ ।

ଶ୍ରୀମନ୍ଦିର୍- ଧନୁ ସଂକ୍ରାନ୍ତି          ହି.ସ.

ପବିତ୍ର ଧନୁ ସଂକ୍ରାନ୍ତି ଅବ୍ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନ୍କୁ ପହିଲି ଭୋଗ ଲାଗି କରାଯାଇଛେ । ଧନୁସଂକ୍ରାନ୍ତି ଠାନୁ ମକର୍ ସଂକ୍ରାନ୍ତିତକ୍ ସଖାଲର୍ ଗୋପାଳବଲ୍ଲଭ ଭୋଗ ସହେତେ ଇ ପହିଲି ଭୋଗ କରାଯିବା । ଶ୍ରୀମନ୍ଦିର୍ ନ ପହିଲି ଭୋଗ ଲାଗି

ମାହାପୁରୁମାନ୍‌କର୍ ନୀତିକେ ଟିକେ ଜଲ୍‌ଦି କରାଯାଉଛେ । ଇ ପହିଲି ଭୋଗ ସମିଆଥି ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ୍ କଲେ ବହୁତ୍ ପୂଣ୍ୟ ମିଲ୍‌ସି ବଲି ବିଶ୍ୱାସ୍ ରହିଛେ ।

ରଥ କାଠ ବଛା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ୨୦୨୫ ମସିହା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଲାଗି ତିଆରି ମୁଲ୍ ହେଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ରଥକାଠ ବଛା ଆର୍ ଗଛ୍‌କଟା ଲାଗି ଅନୁକୂଳ କର୍‌ବାର୍‌କେ ମହାପ୍ରଭୁଙ୍କର୍ ଆଜ୍ଞା ମାଳ ନିଆଯାଇଛେ । ରଥ ବନାବାର୍ ମୁଖିଆଙ୍କର୍ ନେତୃତ୍ୱଥି ଆଏଜ୍ ଗୁଟେ ୩ ଝନିଆ ଟିମ୍ ନୟାଗଡ଼୍ ବନଖଣ୍ଡ ଅଧୀନ୍‌ର ମା’ ବଡ଼ରାଉଳ ଠାକୁରାଣୀଙ୍କର୍ ପୀଠକେ ଯାଇଛନ୍ । ଆଏବାକାଏଲ୍ ବଡ଼ରାଉଳ ଠାକୁରାଣୀଙ୍କର୍ ପାଖେ ପୂଜା କଲା ଉତାରୁ ତିନ୍‌ହି ରଥର୍ ଲାଗି ୩ ଟା କାଠ୍ ଠାବ୍ କର୍‌ବେ । ଇତାର୍ ଉତ୍‌ରୁ ପରମ୍ପରା ଅନ୍‌ସାରେ ଚିହ୍ନଟ୍ ହେଇଥିବା ରଥକାଠ କଟାଯିବାର୍ ସଙ୍ଗେ ସେତାକେ ଶ୍ରୀପଂଚ୍‌ମୀ ଆଗ୍‌ରୁ ଶ୍ରୀକ୍ଷେତ୍ରକେ ପଠାଯିବା । ବିଧି ଅନ୍‌ସାରେ ସେଦିନ ରଥକାଠ୍ ପୂଜା ହେବା । ଇନ ଜନେଇ ଦିଆଯାଇପାରେ ଯେ, ତିନ୍‌ହି ରଥ ନିର୍ମାଣ୍ ଲାଗି ଫାଶି, ଅସନ, ଧଉରା

ବାଗିର୍ କାଠ୍ ବେଭାର୍ ହେସି । ଗଲା ବଛର୍ ଆସିଥିବା ରଥ୍ କାଠ୍ ଭିତ୍ରୁ ୫୧ ଖଁଡ଼୍ କାଠ୍ ଅଗ୍ଲିଥିଲା ବେଲେ ଆଏବା ବଛର୍ ରଥ ଲାଗି ଆଉ ୮ ଶହ ୧୪ ଖଁଡ୍ କାଠ୍ ଦର୍କାର୍ ପଡ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଜାରି ରହିଛେ । ଆଏବା କାଏଲ୍ କଲାହାଣ୍ଡି ଆର୍ ସୁନ୍ଦର୍‌ଗଡ୍‌ର ଗୁଟେ ଜୁଡ୍ଡେ ଜାଗା ନ ଟିକେ ନୁ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେନ୍ତା ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ଜଗତ୍‌ସିଂହପୁର୍ ଆର୍ ଅନୁଗୁଲ୍ ଜିଲ୍ଲା ଜବର୍ ଶୀତ୍ ହେଇପାରେ ବଲି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ୍ଡେ ଆଏବା ୨୪ ଘଂଟାତକ୍ ତାପମାତ୍ରାଥି ଖାସ୍ କିଛି ପରିବର୍ତନ୍ ନାଇଁ ହୁଏ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।